# ଅନ୍ତର୍ଜାତୀୟ ଫୁଟବଲ୍‌ରୁ ଅବସର ନେଲେ ଲିଓନେଲ ମେସି



ବୁଏନସ୍ ଏରିସ୍, ୩୧/୮ (ନ୍ୟୁ.ଏ): ଫିଫା ବିଶ୍ୱକପ୍ ଫାଇନାଲ୍‌ରେ ହାରିଯିବାର କିଛି ଦିନ ପରେ ନିଜ ପିତାଙ୍କୁ ବି ହରାଇଥିଲେ । ଏବେ ନିଜ ପ୍ରିୟ ଖେଳ ଫୁଟ୍‌ବଲ୍‌ର ଅନ୍ତର୍ଜାତୀୟ ଦୃଶ୍ୟପଟରୁ ବି ଦୂରେଇଗଲେ । ବିଶ୍ୱବ୍ୟାପୀ କୋଟି କୋଟି ଫୁଟ୍‌ବଲ୍ ପ୍ରଶଂସକଙ୍କ ହୃଦୟ ଜିତିଥିବା ଲିଓନେଲ୍ ମେସି ଆଉ ଅନ୍ତର୍ଜାତୀୟ ଫୁଟ୍‌ବଲ୍ ଖେଳିବେ ନାହିଁ ବୋଲି ସୋମବାର ଘୋଷଣା କରି ଦେଇଛନ୍ତି । ୩୯ ବର୍ଷ ବୟସରେ ବି ପଡ଼ିଆ ଭିତରେ ପଶିବା ମାତ୍ରେ ପ୍ରଶଂସକଙ୍କୁ ତାଙ୍କ ପ୍ରତିଟି ଗତି, ଡ୍ରିବଲ୍, ବଲ୍ ଟଚ୍, କିକ୍, ଫ୍ରି-କିକ୍‌ରେ ରୋମାଂଚିତ କରୁଥିବା ଏହି ମହାନ ଖେଳାଳିଙ୍କୁ ଏବେ ସେମାନେ ମିସ୍ କରିବେ । ଅନେକ ଗୌରବ ଓ ରେକର୍ଡର ଅଧିକାରୀ ବିଶ୍ୱ ଫୁଟ୍‌ବଲ୍‌ର ମହାନ ଖେଳାଳି ତଥା ଏହି କିଂବଦନ୍ତି ପୁରୁଷ ଜୁଲାଇ ୧୯ ତାରିଖରେ ସ୍ପେନ୍ ନିକଟରୁ ଆର୍ଜେଂଟିନାର ବିଶ୍ୱକପ୍ ପରାଜୟ ପରେ ଅବସର ଆଭାସ ଦେଇଥିଲେ । କ୍ରମାଗତ ବିଶ୍ୱକପ୍ ତୋଳି ଧରିବାର ସ୍ୱପ୍ନ ଚୂରମାର ହୋଇଯିବା ପରେ ସେ 'ଅବସର ଲେଖା' ପ୍ରସ୍ତୁତ କରି ସାରିଥିଲେ ମଧ୍ୟ ପିତାଙ୍କ ଦେହାନ୍ତ ପାଇଁ ବିଳମ୍ବରେ ଏହା ଘୋଷଣା କରିଛନ୍ତି । ଏଥି ସହିତ ବିଶ୍ୱ ଫୁଟ୍‌ବଲ୍‌ର ପୁଣି ବିଖ୍ୟାତ ୧୦ ନମ୍ବର ଜର୍ସି ସଂଗ୍ରାହାଳୟକୁ ଚାଲିଯିବାକୁ ପ୍ରସ୍ତୁତ ହୋଇଛି । ଏକ ଜାଦୁକ୍ୟାମାନ ଖେଳ ଜୀବନର ଅବସାନ ଘଟିଛି । ମାତ୍ର ୭ ବର୍ଷରେ ଫୁଟ୍‌ବଲ୍ ଖେଳିବା ଆରମ୍ଭ କରିଥିବା ମେସି ୩୨ ବର୍ଷ ଧରି ଫୁଟ୍‌ବଲ୍ ପଡ଼ିଆରେ ବିତାଇଥିଲେ । ଅନେକ ଥର ବିଶ୍ୱର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିଲେ ମଧ୍ୟ ୨୦୨୨ ମସିହାରେ ଫିଫା ବିଶ୍ୱକପ୍ ସ୍ୱପ୍ନ ସାକାର କରିଥିଲେ । ତେବେ ୧୦୦୦ ଗୋଲ୍ ମାଇଲଖୁଂଟଠାରୁ ମାତ୍ର ୨୨ ଦୂରରେ ରହିଯାଇଥିଲେ । କ୍ଲବ୍ ଫୁଟ୍‌ବଲ୍ ଜାରି ରଖିଲେ ସେ ଏହି ସ୍ୱପ୍ନ ପୂରଣ କରିବେ ବୋଲି ରହିଛି । ମେସି କହିଛନ୍ତି, ଏବେ ମୁଁ ଆପଣମାନଙ୍କୁ ସମସ୍ତଙ୍କୁ କହିବାକୁ ଚାହୁଁଛି ଯେ ମୁଁ ଜାତୀୟ ଦଳରୁ ଅବସର ନେଉଛି । ଏହା ଏକ ନିଷ୍ପତ୍ତି ଥିଲା ଯାହା ମୋତେ ସମ୍ପୂର୍ଣ୍ଣ ଭାଙ୍ଗି ଦେଇଥିଲା ଏବଂ ଏବେ ବି କଷ୍ଟ ଦେଉଛି । ହୃଦୟ ଭାଙ୍ଗି ଯାଉଛି । କିନ୍ତୁ ମୁଁ ଅନୁଭବ କରୁଛି ଯେ ଏବେ ଅବସର ନେବାର ସଠିକ୍ ସମୟ । ମୁଁ ଶପଥ କରୁଛି ଯେ ମୁଁ ସବୁବେଳେ ମୋର ସର୍ବସ୍ୱ ଦେଇଥିଲି । କେବଳ ଗତ କିଛି ବର୍ଷରେ ନୁହେଁ ଯେତେବେଳେ ଆମେ ସବୁକିଛି ଜିତିଥିଲୁ, ବରଂ ତା'ପୂର୍ବରୁ ମଧ୍ୟ । ମୁଁ ସର୍ବଦା ଏହି ଜର୍ସି ପାଇଁ ଲଢ଼ିଥିଲି ଏବଂ ମୋର ସର୍ବସ୍ୱ ଦେଇଥିଲି - ଫୁଟବଲ୍ ମାଧ୍ୟମରେ ଦର୍ଶକଙ୍କୁ ଖୁସି ଦେବା ଏବଂ ଆର୍ଜେଂଟିନାର ଖେଳାଳି ହେବା ପାଇଁ ଗର୍ବ ଅନୁଭବ କରୁଛି । ମୁଁ ସବୁବେଳେ ଜାତୀୟ ଦଳ ସହିତ ରହିବାକୁ ଚାହୁଁଥିଲି, ମୁଁ ଚାହୁଁଛି, ଏବଂ ମୁଁ ସବୁବେଳେ ଚାହୁଁବି । ମୁଁ ନିଜକୁ ସମ୍ପୂର୍ଣ୍ଣ ଭାବରେ ଦେଇଛି । ଏବେ ମୋର ଦେବାକୁ କିଛି ନାହିଁ ।

ଏହା ବ୍ୟତୀତ, ଅନେକ ଯୁବ ଖେଳାଳି ଆସୁଛନ୍ତି ଯେଉଁମାନେ ସମାନ ଭାବରେ ଚମତ୍କାର ଏବଂ ଏହି ଦଳରେ ସ୍ଥାନ ପାଇବାକୁ ଯୋଗ୍ୟ । ଏହି ୨୦ ବର୍ଷର ପ୍ରେମ ଏବଂ ସ୍ନେହ ପାଇଁ ସମସ୍ତଙ୍କୁ ଧନ୍ୟବାଦ । ଷ୍ଟାଡିୟମ ଭିତରୁ ଦର୍ଶକମାନଙ୍କ ସ୍ୱର ଶୁଣିବା ମୁଁ ମିସ୍ କରିବି । ଏବେ ଆପଣମାନଙ୍କ ମଧ୍ୟରୁ ଜଣେ ଭାବରେ, ମୁଁ ବାହାରୁ ଦଳକୁ ଉତ୍ସାହିତ ଏବଂ ସମର୍ଥନ କରିବି - ଭଲ ସମୟରେ ଏବଂ ଖରାପ ସମୟରେ ମଧ୍ୟ । ମୋ ପରିବାରକୁ ଧନ୍ୟବାଦ, ଯେଉଁମାନେ ସବୁବେଳେ ମୋ ପାଇଁ ଅଛନ୍ତି ଏବଂ ଏହି ସୁନ୍ଦର କିନ୍ତୁ କଷ୍ଟକର ଯାତ୍ରାରେ ମୋତେ ସମର୍ଥନ କରିଛନ୍ତି । ସମସ୍ତ ପ୍ରଶିକ୍ଷକ, ସାଥୀ ଖେଳାଳି ଏବଂ ଅଧିକାରୀଙ୍କୁ ମଧ୍ୟ ଧନ୍ୟବାଦ, ଯେଉଁମାନଙ୍କ ସହ ମୁଁ କାମ କରିବାର ଏବଂ ଯାତ୍ରା ବାଂଟିବାର ସୁଯୋଗ ପାଇଲି । ମୁଁ ମୋ ସହିତ ସ୍ମୃତି ଏବଂ ମୁହୂର୍ତ୍ତଗୁଡ଼ିକୁ ନେଇଯାଏ ଯାହାକୁ ମୁଁ କେବେ ଭୁଲିପାରିବି ନାହିଁ । ମୁଁ ସେହି ଶାନ୍ତି ଏବଂ ଗର୍ବର ସହିତ ବିଦାୟ ନେଉଛି । ମ ସହିତ ବାଂଟିବା ଏକ ଅତି ସୁନ୍ଦର ଅଭିଜ୍ଞତା ଥିଲା । ମୁଁ ତୁମ ସମସ୍ତଙ୍କୁ ଭଲ ପାଏ ! ପରମେଶ୍ୱରଙ୍କୁ ଧନ୍ୟବାଦ ଯେ ସେ ମୋତେ ଜଣେ ଆର୍ଜେଂଟିନା ଖେଳାଳି କରିଛନ୍ତି ।

# ୧୫୦ତମ ମ୍ୟାଚ୍‌ରେ ଦୀପ୍ତିଙ୍କ ନାମରେ ବିଶ୍ୱ ରେକର୍ଡ



ନୂଆଦିଲ୍ଲୀ, ୩୧/୮ (ନ୍ୟୁ.ଏ): ଭାରତୀୟ ମହିଳା କ୍ରିକେଟ୍ ଦଳ ଏକ ଚମତ୍କାର ବିଜୟ ସହିତ ଏସିଆ କପ୍ ୨୦୨୬ ଆରମ୍ଭ କରିଛି । ହର୍ମନପ୍ରୀତ କୌରଙ୍କ ନେତୃତ୍ୱାଧୀନ ଭାରତ ପ୍ରଥମ ମ୍ୟାଚରେ ଥାଇଲାଣ୍ଡକୁ ହରାଇ ଜବରଦସ୍ତ ବିଜୟ ହାସଲ କରିଛି । ଏହି ମ୍ୟାଚରେ ଦୀପ୍ତି ଶର୍ମା ସବୁଠାରୁ ଅଧିକ ଚର୍ଚ୍ଚିତ ଥିଲେ । ଥାଇଲାଣ୍ଡ ବିପକ୍ଷ ମ୍ୟାଚରେ ଦିପ୍ତୀ ନିଜର ୧୫୦ତମ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚକୁ ସ୍ମରଣୀୟ କରିଥିଲେ । ସେ ଏପରି ବୋଲିଂ କରିଥିଲେ ଯେ, ସେ ମହିଳା ଟି-୨୦ କ୍ରିକେଟରେ ବିଶ୍ୱର ସବୁଠାରୁ ସଫଳ ବୋଲର ହୋଇଥିଲେ । ମହିଳା ଟି-ଟ୍ୱେଂଟିରେ ସର୍ବାଧିକ ୱିକେଟ୍ ଟେକର ହୋଇଛନ୍ତି । ଏହା ସହିତ ସେ ବିନା ରନ୍ ଦେଇ ୩ କିମ୍ବା ତାଠାରୁ ଅଧିକ ୱିକେଟ୍ ନେଇଥିବା ପ୍ରଥମ ଭାରତୀୟ ବୋଲର ହୋଇଛନ୍ତି । ୧୫୦ଟି ଟି-ଟ୍ୱେଂଟି ମ୍ୟାଚ୍ ଖେଳି ୧୭୧ଟି ୱିକେଟ୍ ହାସଲ କରି ସାରିଚନ୍ତି ଦୀପ୍ତି । ଆଗକୁ ଏ ସଂଖ୍ୟା ଆହରୁ ବଢିବ । ୩ ବଲ୍ ରେ ୭ ୱିକେଟ୍ ଏବଂ କୌଣସି ରନ୍ ନାହିଁ- ଦୀପ୍ତି ଶର୍ମା ଥାଇଲାଣ୍ଡ ବିପକ୍ଷରେ ମାତ୍ର ୭ ବଲ ବୋଲିଂ କରି ୩ ୱିକେଟ୍ ନେଇଥିଲେ । ବିଶେଷ କଥା ହେଉଛି ତାଙ୍କ ଆକାଉଂଟକୁ ଗୋଟିଏ ରନ୍ ମଧ୍ୟ ଯାଇ ନାହିଁ । ଶୂନ ରନ ସହ ୩ ୱିକେଟ୍ ହାସଲ କରିଥିଲେ । ଥାଇଲ୍ୟାଣ୍ଡର ନବମ ଓଭରରେ ଦୁଇଟି ୱିକେଟ୍ ନେଇ ଦୀପ୍ତି ପ୍ରଥମେ ଦଳକୁ ଅସୁବିଧାରେ ପକାଇଥିଲେ । ଏହା ପରେ ସେ ୧୭ ତମ ଓଭରରେ ବୋଲିଂ କରିବାକୁ ଫେରିଥିଲେ । ପ୍ରଥମ ବଲରେ ଗୋଟିଏ ୱିକେଟ୍ ପାଇଥିଲେ । ଏହି ୱିକେଟ୍ ସହ ସେ ନିଜ ନାଁରେ ଏକ ବଡ଼ ରେକର୍ଡ କରିଥିଲେ । ସର୍ବାଧିକ ୱିକେଟ୍ ନେଇଥିବା ବୋଲର- ଦୀପ୍ତିଙ୍କ ଏହି ତିନୋଟି ୱିକେଟ୍ ସହିତ ତାଙ୍କ ଟି-୨୦ ଅନ୍ତର୍ଜାତୀୟ ୱିକେଟ୍ ସଂଖ୍ୟା ୧୭୧କୁ ବୃଦ୍ଧି ପାଇଛି । ସେ ଥାଇଲାଣ୍ଡର ଥିପାଚା ପୁଥାୱଙ୍ଗଙ୍କୁ ପଛରେ ପକାଇ ଦେଇଛନ୍ତି, ଯିଏକି ୧୭୦ ୱିକେଟ୍ ନେଇଛନ୍ତି । ଏବେ ମହିଳା ଟି-୨୦ କ୍ରିକେଟରେ ଦୀପ୍ତି ଶର୍ମା ସର୍ବାଧିକ ୱିକେଟ୍ ନେଇଛନ୍ତି । ତାଙ୍କ ପରେ ପୁଥାୱଙ୍ଗ ୧୭୦ ୱିକେଟ୍ ସହ ଦ୍ୱିତୀୟ ସ୍ଥାନରେ ରହିଛି । ରୱାଣ୍ଡାର ହେନରିଏଟ୍ ଇଶିମୱେ ୧୬୪ ୱିକେଟ୍ ସହ ତୃତୀୟ ସ୍ଥାନରେ ଥିବା ବେଳେ ଇଂଲଣ୍ଡର ସୋଫି ଏକ୍କ୍ଲେଷ୍ଟୋନ୍ ୧୫୪ ୱିକେଟ୍ ସହ ଚତୁର୍ଥ ସ୍ଥାନରେ ଅଛନ୍ତି । ୧୫୦ ଟି-୨୦ ଖେଳିବାରେ ତୃତୀୟ ଭାରତୀୟ- ଦୀପ୍ତି ଶର୍ମାଙ୍କ ପାଇଁ ଏହି ମ୍ୟାଚ୍ ମଧ୍ୟ ସ୍ୱତନ୍ତ୍ର ଥିଲା କାରଣ ସେ ତାଙ୍କର ୧୫୦ତମ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଛନ୍ତି । ଏହା ସହିତ ସେ ଭାରତର ତୃତୀୟ ମହିଳା କ୍ରିକେଟର ଭାବେ ୧୫୦ କିମ୍ବା ଅଧିକ ଟି-୨୦ ଖେଳିଛନ୍ତି । ଏହାପୂର୍ବରୁ ହରମନପ୍ରୀତ କୌର ଓ ସ୍ମୃତି ମନ୍ଧାନା ଏହି ସଫଳତା ହାସଲ କରିଛନ୍ତି । ଅର୍ଥାତ୍ ଦୀପ୍ତି ଗୋଟିଏ ପ୍ରତିଯୋଗିତାରେ ଦୁଇଟି ବଡ଼ ସଫଳତା ହାସଲ କରିଥିଲେ । ଥାଇଲାଣ୍ଡକୁ ୯୪ ରନରେ ପରାସ୍ତ କଲା ଭାରତ- ମ୍ୟାଚ୍ ବିଷୟରେ କହିବାକୁ ଗଲେ ଭାରତ ପ୍ରଥମେ ବ୍ୟାଟିଂ କରି ୧୫୯ ରନ୍ କରିଥିଲା । ଶେଫାଳୀ ବର୍ମା ୩୬ ବଲରୁ ୬୪ ରନ୍ ର ଚମତ୍କାର ଇନିଂସ ଖେଳିଥିଲେ । ସେ ତାଙ୍କ ଇନିଂସରେ ୮ଟି ଚୌକା ଓ ୩ଟି ଛକା ମାରିଥିଲେ ।

# ଫିଟ୍ ହେଲେ ଟିମ୍ ଇଣ୍ଡିଆର ୩ ଷ୍ଟାର ଅଲରାଉଣ୍ଡର



ନୂଆଦିଲ୍ଲୀ, ୩୧/୮ (ନ୍ୟୁ.ଏ): ଆଗାମୀ ଆଫଗାନିସ୍ତାନ ବିପକ୍ଷ ଟି-୨୦ ସିରିଜ୍ ପୂର୍ବରୁ ଟିମ୍ ଇଣ୍ଡିଆକୁ ମିଳିଛି ବଡ଼ ଖୁସି ଖବର । ଭାରତୀୟ ଦଳର ୩ ଷ୍ଟାର ଅଲରାଉଣ୍ଡର ଏବେ ଫିଟ୍ ହୋଇଥିବା ଜଣାପଡ଼ିଛି । ହାର୍ଦ୍ଦିକ ପାଣ୍ଡ୍ୟା, ନୀତୀଶ କୁମାର ରେଡ୍ଡୀ ଏବଂ ୱାଶିଂଟନ୍ ସୁନ୍ଦର ଆଗାମୀ ସିରିଜ୍ ପାଇଁ ଚୟନ ଦୌଡ଼ରେ ଉପଲବ୍ଧ ରହିବେ । ବିଶେଷ କଥା ହେଉଛି, ଦୀର୍ଘ ସମୟ ଧରି ଆହତ ହୋଇ ଦଳରୁ ବାହାରେ ଥିବା ଏହି ଖେଳାଳିମାନେ ଏବେ ଅଭ୍ୟାସକୁ ଫେରିଛନ୍ତି । ଫଳରେ ଆଫଗାନିସ୍ତାନ ବିପକ୍ଷ ସିରିଜ୍ ପାଇଁ ଭାରତର ଦଳ ଆହୁରି ଶକ୍ତିଶାଳୀ ହେବାର ସମ୍ଭାବନା ରହିଛି । ଭାରତୀୟ ଟିମ୍ ଏଥର ଆଫଗାନିସ୍ତାନ ଗସ୍ତ କରିବ ନାହିଁ । ବରଂ ଆଫଗାନିସ୍ତାନ ଦଳ ଭାରତ ଆସି ଏହି ସିରିଜ୍ ଖେଳିବ । ଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମରେ ଭାରତ ଓ ଆଫଗାନିସ୍ତାନ ମଧ୍ୟରେ ୩ଟି ଟି-୨୦ ମ୍ୟାଚ୍ ଖେଳାଯିବ । ସିରିଜ୍ ଆରମ୍ଭ ସେପ୍ଟେମ୍ବର ୧୩ରୁ ହେବ । ରିପୋର୍ଟ ଅନୁସାରେ ଭାରତୀୟ ଦଳର ଷ୍ଟାର ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଏବେ ସମ୍ପୂର୍ଣ୍ଣ ଫିଟ୍ ହୋଇଛନ୍ତି । ତାଙ୍କ ସହ ଯୁବ ଅଲରାଉଣ୍ଡର ନୀତୀଶ କୁମାର ରେଡ୍ଡୀ ମଧ୍ୟ ଫିଟ୍ ହୋଇ ଅଭ୍ୟାସ କରୁଛନ୍ତି । ନୀତୀଶ ବେଙ୍ଗାଲୁରୁସ୍ଥିତ ସେଂଟର ଅଫ୍ ଏକ୍ସିଲେନ୍ସରେ ଜୋରଦାର ପ୍ରାକ୍ଟିସ୍ କରୁଥିବା ଜଣାପଡ଼ିଛି । ହାର୍ଦ୍ଦିକ ଓ ନୀତୀଶ ଉଭୟ ଦୀର୍ଘ ସମୟ ଧରି ସେଠାରେ ରହି ନିଜ ଫିଟନେସ୍ ଓ ମ୍ୟାଚ୍ ଫିଟନେସ୍ ଉପରେ କାମ କରୁଛନ୍ତି । ହାର୍ଦ୍ଦିକ ଓ ନୀତୀଶଙ୍କ ବ୍ୟତୀତ ସ୍ପିନ୍ ଅଲରାଉଣ୍ଡର ୱାଶିଂଟନ୍ ସୁନ୍ଦର ମଧ୍ୟ ଆଫଗାନିସ୍ତାନ ସିରିଜ୍ ପୂର୍ବରୁ ଫିଟ୍ ହୋଇଯିବେ ବୋଲି ରିପୋର୍ଟରେ କୁହାଯାଇଛି । ଫଳରେ ଏହି ୩ ଖେଳାଳି ଆଫଗାନିସ୍ତାନ ବିପକ୍ଷ ଟି-୨୦ ସିରିଜ୍ ପାଇଁ ଚୟନକର୍ତ୍ତାଙ୍କ ନଜରରେ ରହିବେ । ତିନିଜଣଙ୍କ ଅନ୍ତର୍ଜାତୀୟ କ୍ରିକେଟ୍‌କୁ ପ୍ରତ୍ୟାବର୍ତ୍ତନ ମଧ୍ୟ ଏହି ସିରିଜ୍‌ରୁ ହୋଇପାରେ । ସେପ୍ଟେମ୍ବର ୧୩ରୁ ଆରମ୍ଭ ହେବାକୁ ଥିବା ୩ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ପାଇଁ ଭାରତୀୟ ଦଳର ଘୋଷଣା ଏହି ସପ୍ତାହରେ ହୋଇପାରେ । ହାର୍ଦ୍ଦିକ ପାଣ୍ଡ୍ୟା, ନୀତୀଶ କୁମାର ରେଡ୍ଡୀ ଓ ୱାଶିଂଟନ୍ ସୁନ୍ଦରଙ୍କ ଫିଟନେସ୍ ଭାରତୀୟ ଦଳ ପାଇଁ ବଡ଼ ଆଶ୍ୱସ୍ତି ଆଣିଛି । ବିଶେଷକରି ଟି-୨୦ କ୍ରିକେଟ୍‌ରେ ଅଲରାଉଣ୍ଡରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିବାରୁ ଏହି ୩ ଖେଳାଳିଙ୍କ ଫିଟ୍ ହେବା ଟିମ୍ ଇଣ୍ଡିଆର ବିକଳ୍ପକୁ ବଢ଼ାଇବ ।

# ନେପାଳ ବନ୍ୟା ମୃତ୍ୟୁସଂଖ୍ୟା ୯୦୦ ଟପିଲା

କାଠମାଣ୍ଡୁ, ୩୧/୮ (ନ୍ୟୁ.ଏ): ନେପାଳଓ ତିବ୍ବତରେ ବ୍ୟାପକ ଧ୍ୱଂସଲୀଳା ଘଟାଇଥିବା ବନ୍ୟା ମୃତ୍ୟୁସଂଖ୍ୟା ୯୦୩ରେ ପହଂଚିଛି । ନିଖୋଜଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇ ୪,୨୪୭ରେ ପହଂଚିଛି । ସମସ୍ତ ପ୍ରଭାବିତ ୮ ଜିଲ୍ଲାରୁ ଉଦ୍ଧାର ଅପରେସନ୍ ଜାରି ରହିଥିବାବେଳେ ଜୀବିତଙ୍କ ସନ୍ଧାନ ପାଇଁ ଜୋରଦାର ପ୍ରୟାସ କରାଯାଉଛି । ନିଖୋଜଙ୍କୁ ଖୋଜିବାପାଇଁ ଉଦ୍ଧାରକାରୀ ଦଳ ସମସ୍ତ ଉଦ୍ୟମ ଲଗାଇ ଦେଇଛନ୍ତି । ବନ୍ୟାରେ ଏଯାବତ୍ ୯୦୩ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି ବୋଲି ନେପାଳର ଏନ୍‌ଡିଆରଆରଏମ୍‌ଏ (ଜାତୀୟ ବିପର୍ଯ୍ୟୟ ପ୍ରଶମନ ଓ ପରିଚାଳନା କର୍ତ୍ତୃପକ୍ଷ) କହିଛି । ଚିତୱନରୁ ୨୭୨ଟି, ନାୱାଲପରାସୀ ପୂର୍ବରୁ ୨୦୭ଟି, ନାୱାଲପରାସୀ ପଶ୍ଚିମରୁ ୧୫୧ଟି ଓ ଗୋରଖାରୁ ୬୨ଟି ମୃତଦେହ ମିଳିଛି । ଏହା ବ୍ୟତୀତ ନୁୱାକୋଟରୁ ୯୫ଟି, ଧାଦିଙ୍ଗରୁ ୫୫ଟି, ତାନାହୁଁରୁ ୩୭ଟି ଓ ରାସୁୱାରୁ ୨୪ଟି ମୃତଦେହ ଉଦ୍ଧାର ହୋଇଛି । ଏନ୍‌ଡିଆରଆରଏମ୍‌ଏ ଅନୁଯାୟୀ ନେପାଳରେ ଏବେ ବି ୪,୨୪୭ ଜଣ ନିଖୋଜ ଅଛନ୍ତି । ସେମାନଙ୍କ ମଧ୍ୟରେ ୮୫ ଜଣ ସୁରକ୍ଷାକର୍ମୀ ଏବଂ ୩୨୦ ଜଣ ବିଦେଶୀ ନାଗରିକ ଅଛନ୍ତି । ନେପାଳ ଓ ତିବ୍ବତକୁ ମିଶାଇ ନିଖୋଜ ଲୋକଙ୍କ ସଂଖ୍ୟା ପ୍ରାୟ ୫,୦୦୦ରେ ପହଂଚିଛି । ଜଳବିଦ୍ୟୁତ୍ ପ୍ରକଳ୍ପଗୁଡ଼ିକରେ ଉଦ୍ଧାର କାର୍ଯ୍ୟକୁ ଗୁରୁତ୍ୱ ଦିଆଯାଉଛି । ସେଠାରେ ଶତାଧିକ ଶ୍ରମିକଙ୍କର ଏପର୍ଯ୍ୟନ୍ତ କୌଣସି ସନ୍ଧାନ ମିଳିନାହିଁ । ନେପାଳ କର୍ତ୍ତୃପକ୍ଷଙ୍କ ଆଶଙ୍କା ଯେ ଅନେକ ସୁଡ଼ଙ୍ଗ ଭିତରେ ପ୍ରାୟ ୧୦୦ ଶ୍ରମିକ ଏବେ ବି ଜୀବିତ ଥାଇପାରନ୍ତି । ମୋଟ ୯୩୩ ଜଣ ଜଳବିଦ୍ୟୁତ୍ କର୍ମଚାରୀ ନିଖୋଜ ଥିବା ତାଲିକାଭୁକ୍ତ ହୋଇଛନ୍ତି । କଠିନ ଓ ବିପଜ୍ଜନକ ପରିସ୍ଥିତି ସତ୍ତ୍ୱେ ଉଦ୍ଧାରକାରୀ ଦଳ ଲଗାତାର କାମ କରୁଛନ୍ତି । ଚୀନ୍, ଭାରତ ଓ ଦକ୍ଷିଣ କୋରିଆର ଉଦ୍ଧାରକାରୀ ଦଳ ମଧ୍ୟ ନେପାଳ କର୍ତ୍ତୃପକ୍ଷଙ୍କୁ ଏଥିରେ ସହଯୋଗ କରୁଛନ୍ତି । ଏପର୍ଯ୍ୟନ୍ତ ଦୁଇଟି ସୁଡ଼ଙ୍ଗରୁ ୩ଟି ମୃତଦେହ ମିଳିଛି । ବନ୍ୟାରେ ରାସ୍ତା ଧୋଇଯାଇଛି, ବିଦ୍ୟୁତ୍ କେନ୍ଦ୍ର ଧ୍ୱଂସ ହୋଇଛି ଏବଂ ଅନେକ ଡଜନ୍ ସେତୁ ଭାଙ୍ଗିଯାଇଛି । ଫଳରେ ସମ୍ପୂର୍ଣ୍ଣ ଅଂଚଳଗୁଡ଼ିକ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇପଡ଼ିଛନ୍ତି ଏବଂ ହଜାର ହଜାର ଲୋକ ବାସହୀନ ହୋଇଛନ୍ତି । ଲୋକମାନେ ହସ୍ପିଟାଲ୍‌ରୁ ହସ୍ପିଟାଲ୍ ବୁଲି ନିଜ ପ୍ରିୟଜନଙ୍କୁ ଖୋଜୁଛନ୍ତି ।

# ବାଣକାରଖାନାରେ ବିସ୍ଫୋରଣ; ୧୧ ମୃତ, ୨୦ ଆହତ



ନୂଆଦିଲ୍ଲୀ, ୩୧/୮ (ନ୍ୟୁ.ଏ): ଉତ୍ତରପ୍ରଦେଶର କୌଶାମ୍ବୀ ଏବଂ ପ୍ରୟାଗରାଜ ଜିଲ୍ଲାର ସୀମାରେ ଥିବା ମାନୌରୀ ଗାଁରେ ସୋମବାର ଏକ ବାଣ କାରଖାନାରେ ବିସ୍ଫୋରଣ ଘଟି ୧୧ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨୦ ଜଣ ଆହତ ହୋଇଛନ୍ତି । ରିପୋର୍ଟ ଅନୁଯାୟୀ, ଏହି ବେଆଇନ ବାଣ କାରଖାନାଟି ଗାଁର ଏକ ଚାଷ ଜମି ଉପରେ ନିର୍ମିତ ଘରେ ଚାଲିଥିଲା । ପୋଲିସ କହିଛି ଯେ ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ ନିକଟସ୍ଥ ଚାରିରୁ ପାଂଚଟି ଘର ନଷ୍ଟ ହୋଇଯାଇଛି । କୌଶାମ୍ବୀ ସର୍କଲ ଅଫିସର ଶିବାଙ୍କ ସିଂ କହିଛନ୍ତି, 'ଏପର୍ଯ୍ୟନ୍ତ ଆଠଟି ମୃତଦେହ ଉଦ୍ଧାର କରାଯାଇଛି, ଯେଉଁଥିରେ ପୁରୁଷ ଏବଂ ମହିଳା ଉଭୟ ଅଛନ୍ତି ।' ବିସ୍ଫୋରଣ ସମ୍ପର୍କରେ ସୂଚନା ପାଇବା ପରେ ସ୍ଥାନୀୟ ପୋଲିସ ଏବଂ ଅଗ୍ନିଶମ ବିଭାଗର ଟିମ୍ ଘଟଣାସ୍ଥଳକୁ ପହଂଚି ଉଦ୍ଧାରକାର୍ଯ୍ୟ ଆରମ୍ଭ କରିଥିଲେ । ନିଆଁକୁ ନିୟନ୍ତ୍ରଣ କରିବା ଏବଂ ଉଦ୍ଧାର କାର୍ଯ୍ୟରେ ସହାୟତା କରିବା ପାଇଁ ଅନେକ ଅଗ୍ନିଶମ ଗାଡ଼ି ମୁତୟନ କରାଯାଇଥିଲା । ଭଗ୍ନାବଶେଷ ହଟାଇବା ଏବଂ ତଳେ ଫସି ରହିଥିବା ଲୋକଙ୍କୁ ଖୋଜିବା ପାଇଁ ଅର୍ଥମୁଭର ମେସିନ୍ ମଧ୍ୟ ଅଣାଯାଇଥିଲା ।

# ଏସିଡ୍‌ର ଖୁଚୁରା ବିକ୍ରି ଉପରେ କେନ୍ଦ୍ରର ମତ ଲୋଡ଼ିଲେ ସୁପ୍ରିମ୍‌କୋର୍ଟ

ନୂଆଦିଲ୍ଲୀ: ଏସିଡ୍ ଆକ୍ରମଣ ରୋକିବା ଲାଗି ଏସିଡ୍‌ର ଖୁଚୁରା ବିକ୍ରି ସମ୍ପୂର୍ଣ୍ଣ ବନ୍ଦ କରାଯିବ କିମ୍ବା ଏହା ଉପରେ ଅତ୍ୟନ୍ତ କଠୋର ନିୟମ ଲାଗୁ କରାଯିବ, ସେନେଇ କେନ୍ଦ୍ର ସରକାରଙ୍କ ମତ ଲୋଡ଼ିଛନ୍ତି ସୁପ୍ରିମ୍‌କୋର୍ଟ । ସୋମବାର ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ, ଜଷ୍ଟିସ୍ ଜୟମାଲ୍ୟ ବାଗଚୀ ଓ ଜଷ୍ଟିସ୍ ଭି. ମୋହନାଙ୍କ ଖଣ୍ଡପୀଠ ଏହି ପ୍ରସଙ୍ଗରେ କେନ୍ଦ୍ରର ପକ୍ଷ ଜାଣିବାକୁ ଚାହିଁଛନ୍ତି । ୨୦୧୩ରେ ଏସିଡ୍ ବିକ୍ରି ନିୟନ୍ତ୍ରଣ ପାଇଁ କୋର୍ଟ ଦେଇଥିବା ନିର୍ଦ୍ଦେଶଗୁଡ଼ିକ ଏବେ ପ୍ରାୟ ଅପ୍ରାସଙ୍ଗିକ ହୋଇଯାଇଥିବା ଏବଂ ଅନେକ ସ୍ଥାନରେ ତାହା ଠିକ୍ ଭାବେ ପାଳନ ହେଉନଥିବା ନେଇ ଖଣ୍ଡପୀଠ ଚିନ୍ତା ପ୍ରକାଶ କରିଛନ୍ତି । ସୁପ୍ରିମ୍‌କୋର୍ଟ କହିଛନ୍ତି, କେବଳ ନିୟମ ତିଆରି କରିଦେଲେ ହେବ ନାହିଁ, ତାହାର ପ୍ରଭାବୀ କାର୍ଯ୍ୟକାରିତା ମଧ୍ୟ ଜରୁରୀ । ଖୁଚୁରା ବିକ୍ରି ଉପରେ କଠୋର ନିୟନ୍ତ୍ରଣର ବିକଳ୍ପ ଭାବେ କ୍ରେତାଙ୍କୁ ଏସିଡ୍ କିଣିବାର ଉଦ୍ଦେଶ୍ୟ ଜଣାଇବା ବାଧ୍ୟତାମୂଳକ କରିବା, କ୍ରେତାଙ୍କ ରେକର୍ଡ ରଖିବା ଏବଂ ବଜାରକୁ କେତେ ପରିମାଣର ଏସିଡ୍ ଆସୁଛି ଓ କେତେ ବିକ୍ରି ହେଉଛି, ତାହାର ନଜରଦାରି କରିବା ଭଳି ପଦକ୍ଷେପ ଉପରେ ମଧ୍ୟ ଚର୍ଚ୍ଚା ହୋଇଛି । ଏହି ମାମଲା ଏସିଡ୍ ଆକ୍ରମଣ ପୀଡ଼ିତା ଶାହିନ୍ ମଲିକ୍‌ଙ୍କ ଦ୍ୱାରା ଦାଖଲ ଜନହିତ ଆବେଦନ ସହ ଜଡ଼ିତ । ଶୁଣାଣି ସମୟରେ ବରିଷ୍ଠ ଓକିଲ ସୌରଭ କୃପାଳ କହିଥିଲେ ଯେ, ୨୦୧୩ରେ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଏସିଡ୍ ଏବେ ବି ସହଜରେ ମିଳୁଛି । ସ୍ୱେଚ୍ଛାସେବୀମାନଙ୍କ ଏକ ସର୍ବେକ୍ଷଣରୁ ମଧ୍ୟ ଏସିଡ୍ କିଣିବା ଉପରେ ପ୍ରାୟ କୌଣସି ପ୍ରଭାବୀ ନିୟନ୍ତ୍ରଣ ନ ଥିବା ଜଣାପଡ଼ିଛି । ଶିଳ୍ପ କ୍ଷେତ୍ରରେ ଏସିଡ୍‌ର ଆବଶ୍ୟକତା ଥିଲେ ମଧ୍ୟ ଘରୋଇ ସଫେଇ କାମରେ ଏହାର ବିକଳ୍ପ ଉତ୍ପାଦ ମିଳୁଥିବାରୁ ଖୁଚୁରା ବିକ୍ରି ବନ୍ଦ କରାଯାଇପାରେ ବୋଲି ସେ ଯୁକ୍ତି ଦେଇଥିଲେ । ମଲିକ୍ ମଧ୍ୟ ଖୁଚୁରା ବିକ୍ରି ଉପରେ ନିଷେଧ ଦାବି କରିଛନ୍ତି । ଏହାସହ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ପ୍ରଦେଶକୁ ଏସିଡ୍ ଆକ୍ରମଣ ପୀଡ଼ିତଙ୍କ ପାଇଁ ୬ ସପ୍ତାହ ମଧ୍ୟରେ ଉପଯୁକ୍ତ ପୁନର୍ବାସ ଯୋଜନା ପ୍ରସ୍ତୁତ କରି ଦାଖଲ କରିବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି । ଏଥିରେ କ୍ଷତିପୂରଣ, ପୁନର୍ବାସ, ଚିକିତ୍ସା ସହାୟତା ଏବଂ ଉଚ୍ଚଶିକ୍ଷା ପର୍ଯ୍ୟନ୍ତ ମାଗଣା ଶିକ୍ଷାର ବ୍ୟବସ୍ଥା ରହିବ । କେନ୍ଦ୍ର ସରକାରଙ୍କୁ ଏକ ଆଦର୍ଶ ଯୋଜନା ପ୍ରସ୍ତୁତ କରି ରାଜ୍ୟଗୁଡ଼ିକୁ ଆବଶ୍ୟକ ସହାୟତା ଦେବା ଉପରେ ବିଚାର କରିବାକୁ ମଧ୍ୟ କୁହାଯାଇଛି । ଏହାଛଡ଼ା ରାଜ୍ୟ ଓ କେନ୍ଦ୍ରଶାସିତ ପ୍ରଦେଶଗୁଡ଼ିକୁ ନିଜ ଅଂଚଳରେ ହୋଇଥିବା ଏସିଡ୍ ଆକ୍ରମଣ, ସେସବୁ ମାମଲାରେ ଅଭିଯୋଗପତ୍ର ଦାଖଲ ହୋଇଛି କି ନାହିଁ ଏବଂ କେତେ ମାମଲା ବିଚାର କିମ୍ବା ଅପିଲ୍ ପର୍ଯ୍ୟାୟରେ ଅଛି, ତାହାର ସୂଚନା ଦେବାକୁ କୁହାଯାଇଛି । ମାମଲାରେ ପୀଡ଼ିତଙ୍କ ତୁରନ୍ତ ଚିକିତ୍ସା ଓ ଆକ୍ରମଣ ପ୍ରତିରୋଧ ସମ୍ପର୍କରେ ସଚେତନତା ବଢ଼ାଇବା ଉପରେ ମଧ୍ୟ କୋର୍ଟ ଗୁରୁତ୍ୱ ଦେଇଛନ୍ତି ।

# ସି' ମାଇନ୍ସ ସହ ଧକ୍କା ହେଲା ସୁପରଟ୍ୟାଙ୍କର, ଦେଖୁ ଦେଖୁ ହେଲା ପାଉଁଶ

ନୂଆଦିଲ୍ଲୀ, ୩୧/୮ (ନ୍ୟୁ.ଏ): ହର୍ମୁଜ ପ୍ରଣାଳୀରେ ଏକ ସୁପରଟ୍ୟାଙ୍କର ଦୁଇଟି ମାଇନ୍ ସହ ଧକ୍କା ହୋଇଥିବା ନେଇ ଇରାନର ରିଭୋଲ୍ୟୁସନାରୀ ଗାର୍ଡ ଦାବି କରିଛି । ଆଇଆରଜିସିର କହିବା ଅନୁଯାଇ ଧକ୍କା ହେବା ପରେ ଜାହାଜରେ ଭୀଷଣ ନିଆଁ ଲାଗିଯାଇଥିଲା ଏବଂ ଏହାକୁ ରୋକିବାକୁ ପଡିଥିଲା । ଏହି ମାଇନ୍ସ ଗୁଡ଼ିକର ବିପଦକୁ ଦେଖି ଆମେରିକା ଇରାନର ଲାରକ୍ ଦ୍ୱୀପ ଉପରେ ଆକ୍ରମଣ କରିଥିଲା । ହର୍ମୁଜ ପ୍ରଣାଳୀରେ ଏକ ସୁପରଟ୍ୟାଙ୍କର ଦୁଇଟି ନୌସେନା ମାଇନ୍ସ ସହ ଧକ୍କା ହେବା ପରେ ସେଥିରେ ଭୀଷଣ ନିଆଁ ଲାଗିଯାଇଥିଲା । ଇରାନର ରିଭୋଲ୍ୟୁସନାରୀ ଗାର୍ଡ ଦାବି ମୁତାବକ ସୋମବାର ଦିନ ହର୍ମୁଜ ପ୍ରଣାଳୀର ଦକ୍ଷିଣ ଭାଗରେ ଥିବା ଏକ ପଥ ଦେଇ ଯିବାକୁ ଉଦ୍ୟମ କରିଥିଲା, ଯାହାକୁ ଇରାନ ଅନଧିକୃତ ଏବଂ ବେଆଇନ ବୋଲି ବିବେଚନା କରେ । ଏହି ସମୟରେ, ସୁପରଟ୍ୟାଙ୍କରଟି ଦୁଇଟି ମାଇନ୍ସ ଉପର ଦେଇ ଯିବାକୁ ଚେଷ୍ଟା କରିଥିଲା, ଯାହା ଫଳରେ ଜାହାଜରେ ସଂପୂର୍ଣ୍ଣ ରୂପେ ନିଆଁ ଲାଗିଯାଇଥିଲା । ଏହି ଜାହାଜଟିର ନାମ ତଥା ପତାକା କିମ୍ବା ସାମଗ୍ରୀ ବିଷୟରେ କୌଣସି ବିବରଣୀ ପ୍ରଦାନ କରାଯାଇନି । ଏହି ଘଟଣାରେ କୌଣସି ଧନ ଜୀବନ ହାନୀ ହୋଇନଥିବା ଜଣାପଡିଛି । ଆଇଆରଜିସି ଅନ୍ୟ ଜାହାଜ ମାନଙ୍କୁ ଚେତାବନୀ ଦେଇ କହିଛନ୍ତି କି ଇରାନ ଦ୍ୱାରା ନିର୍ଦ୍ଧାରିତ ନୌଚାଳନା ନିୟମ ଉଲ୍ଲଂଘନ କରୁଥିବା ଅନ୍ୟ ଜାହାଜଗୁଡ଼ିକ ମଧ୍ୟ ସମାନ ପରିଣାମର ସମ୍ମୁଖୀନ ହୋଇପାରନ୍ତି । ଇରାନ ମଧ୍ୟ ଜାହାଜ କମ୍ପାନୀଗୁଡ଼ିକୁ ଆମେରିକୀୟ ସେନାର ନିର୍ଦ୍ଦେଶ ନପାଳନ ନକରିବାକୁ ନିର୍ଦ୍ଦେଶ ଦେଇଛି । ହର୍ମୁଜ ପ୍ରଣାଳୀରେ ମାଇନ୍ସର ଭୟ ରହିଥାଏ ଯାହା ଆମେରିକାର ସାମ୍ପ୍ରତିକ ସାମରିକ କାର୍ଯ୍ୟାନୁଷ୍ଠାନ ପଛର ଏକ ମୁଖ୍ୟ କାରଣ । ଯେଉଁଥିପାଇଁ ଆମେରିକା ଇରାନର ଲାରକ୍ ଦ୍ୱୀପ ଉପରେ ଆକ୍ରମଣ କରିଥିଲା ।

# ବିଶକେକ୍‌ରେ ଇରାନ ରାଷ୍ଟ୍ରପତିଙ୍କୁ ଭେଟିଲେ ପ୍ରଧାନମନ୍ତ୍ରୀ ମୋଦୀ



ନୂଆଦିଲ୍ଲୀ, ୩୧/୮ (ନ୍ୟୁ.ଏ): କିର୍ଗିଜସ୍ତାନ ରାଜଧାନୀ ବିଶକେକ୍‌ରେ ଅନୁଷ୍ଠିତ ସାଂଘାଇ ସହଯୋଗ ସଙ୍ଗଠନ (ଏସ୍‌ସିଓ) ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୋମବାର ଇରାନ ରାଷ୍ଟ୍ରପତି ମସୁଦ ପେଜେସ୍କିଆନ୍‌ଙ୍କୁ ଭେଟିଛନ୍ତି । ଦୁଇ ନେତାଙ୍କ ମଧ୍ୟରେ ଦୁଇ ବର୍ଷ ମଧ୍ୟରେ ଏହା ପ୍ରଥମ ବୈଠକ । ବୈଠକ ଅବସରରେ ମଧ୍ୟପ୍ରାଚ୍ୟ ଅଂଚଳରେ ଦୀର୍ଘସ୍ଥାୟୀ ଶାନ୍ତି ଓ ସ୍ଥିରତା ପାଇଁ ସମସ୍ତ ପ୍ରୟାସକୁ ଭାରତ ସମର୍ଥନ ଜଣାଇବା କଥା କହିଛି । ପ୍ରଧାନମନ୍ତ୍ରୀ ମୋଦୀ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି । ବିଭିନ୍ନ କ୍ଷେତ୍ରରେ ଇରାନ ସହିତ ଭାରତର ଦୀର୍ଘକାଳୀନ ବନ୍ଧୁତାକୁ ସୁଦୃଢ଼ କରିବା ପାଇଁ ଭାରତର ପ୍ରତିବଦ୍ଧତାକୁ ସେ ଦୋହରାଇ ଥିଲେ । ଆଗାମୀ ସମୟରେ ବାଣିଜ୍ୟ କ୍ଷେତ୍ରକୁ ଅଧିକ ବିସ୍ତାର ଓ ବ୍ୟାପକ କରିବାକୁ ଚାହୁଁଛୁ ବୋଲି ମୋଦୀ ଲେଖିଛନ୍ତି । ଦୁଇ ନେତା ପଶ୍ଚିମ ଏସିଆ ସ୍ଥିତି ଉପରେ ଆଲୋଚନା କରିଥିଲେ । ବିଦେଶ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ ଏହାକୁ ଏକ ସଫଳ ବୈଠକ ବୋଲି ବର୍ଣ୍ଣନା କରିଛନ୍ତି । ବୈଠକରେ ଇରାନର ବିଦେଶ ମନ୍ତ୍ରୀ ଆବାସ ଆରାଘଚି, ତେହେରାନର ଅନ୍ୟ ବରିଷ୍ଠ ପ୍ରତିନିଧିମାନେ ମଧ୍ୟ ଯୋଗ ଦେଇଥିଲେ । ଆଲୋଚନା ସମୟରେ ପ୍ରଧାନମନ୍ତ୍ରୀ ମୋଦୀ ସଂଘର୍ଷର ଅନ୍ତ ପାଇଁ ହୋଇଥିବା ବୁଝାମଣାକୁ ସ୍ୱାଗତ କରିଥିଲେ ଓ ସ୍ଥାୟୀ ଶାନ୍ତି ଓ ସ୍ଥିରତା ପାଇଁ ନିରନ୍ତର ପ୍ରୟାସର ଆବଶ୍ୟକତାକୁ ଦୋହରାଇଥିଲେ । ଉଭୟ ନେତା ପୂର୍ବରୁ ମାର୍ଚ୍ଚ ୨୧ରେ କଥା ହୋଇଥିଲେ, ଯେଉଁ ସମୟରେ ସେମାନେ ପଶ୍ଚିମ ଏସିଆ ଅଂଚଳର ସୁରକ୍ଷା ପରିସ୍ଥିତି ବିଷୟରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ । ପ୍ରଧାନମନ୍ତ୍ରୀ ମୋଦୀ ୨୬ତମ ଏସ୍‌ସିଓ ସମ୍ମିଳନୀ ଓ ଷଷ୍ଠ ବିଶ୍ୱ ନୋମାଡ୍ ଗେମ୍ସର ଉଦଘାଟନୀ ଉତ୍ସବରେ ଯୋଗଦେବା ପାଇଁ କିର୍ଗିଜସ୍ତାନକୁ ସରକାରୀ ଗସ୍ତରେ ଅଛନ୍ତି । ସୋମବାର ସକାଳେ ପ୍ରଧାନମନ୍ତ୍ରୀ ମୋଦୀ ବିଶକେକରେ ତାଙ୍କର ଆର୍ମେନିଆନ ପ୍ରତିପକ୍ଷ ନିକୋଲ ପାଶିନୟାନଙ୍କ ସହ ଏକ ଦ୍ୱିପାକ୍ଷିକ ବୈଠକ କରିଥିଲେ ଓ ଦୁଇ ନେତା ପଶ୍ଚିମ ଏସିଆ ପରିସ୍ଥିତି ବ୍ୟତୀତ ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗକୁ ମଜବୁତ କରିବା ଉପରେ ଆଲୋଚନା କରିଥିଲେ । ବୈଠକ ପରେ ବୈଦେଶିକ ମନ୍ତ୍ରଣାଳୟ 'ଏକ୍ସ' କହିଛି, ଦୁଇ ନେତା ପ୍ରତିରକ୍ଷା, ଅର୍ଥନୈତିକ, ଫାର୍ମା, ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା, ସଂସ୍କୃତି ଓ ଶିକ୍ଷା ସମେତ ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗକୁ ଆହୁରି ମଜବୁତ କରିବା ପାଇଁ ଆଲୋଚନା କରିଛନ୍ତି ।

Printer & Publisher Deepak Kumar Das, Printed at Omkar Offset, Nayabazar, Balasore-1, Odisha, Published from Hyphen Publication, Nayabazar, Balasore-1, Odisha.
Phone & Fax : 06782-266998, Mobile : 9438600886, E-mail : seithuarambha@gmail.com
ସଂପାଦକ : ଶୁଭେନ୍ଦୁ ଦାସ
Editor : Subhendu Das